# ଓଡିଶା ସରକାର

## କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

****

File No- 359/23 dated- 09-06-2023

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାର ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପର ନିର୍ମାଣ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା -ମହନ୍ତପୁଟ, ଥାନା -ବୈପାରିଗୁଡା ନଂ-୨୦୮, ତହସିଲ-ବୈପାରିଗୁଡା, ଜିଲ୍ଲା କୋରାପୁଟ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୦.୫୧୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ ( RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ଵାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମୀ ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନିନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟରେ ସ୍ୱରୂପ ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ ।

୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ନିର୍ବାହୀ ଯନ୍ତ୍ରୀ, ଉପ ମୁଖ୍ୟଯନ୍ତ୍ରୀ (ନିର୍ମାଣ),ପୂର୍ବତଟ ରେଳପଥ କୋରାପୁଟ ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ-ଜୟପୁର ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରି କରିବା ।

୪-ସାମାଯିକ ପ୍ରଭାବ ମୂଲ୍ୟାୟନର ସାରାଂଶ ସଂଲଗ୍ନ କରାଗଲା

୫-ପୂନର୍ବାସି ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ ,ଜୟପୁର ।

୬-ଜମିର ବିବରଣୀ-

| ଜିଲ୍ଲା | ତହସିଲ | ଗ୍ରାମଞ୍ଚଳ | ଗ୍ରାମାଞ୍ଚଳ / ସହରାଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍ ର ମୋଟ ରକବା | ଅଧିସୁଚୀତ ଜମିର ରକବା | ରଯତ୍ ର ନାମ |
|---|---|---|---|---|---|---|---|---|
| ଏଥିସହିତ ସଂଲଗ୍ନ କରାଗଲା | | | | | | | | |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ **NIL** ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗିକରଣ ପ୍ରକଳ୍ପ ଙ୍କ କାର୍ଯ୍ୟାଳୟରେ  କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୁଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ  ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ

[signature]

ଜିଲ୍ଲାପାଳ

ଭୂମି ଅନୁସୂଚୀ

ମୌଜା:ମହନ୍ତପୁଟ, ଥାନା-ବୈପାରିଗୁଡା ନଂ-୨୦୮, ତହସିଲ-ବୈପାରିଗୁଡା,ଜିଲ୍ଲା-କୋରାପୁଟ

ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ

| ଖାତା ନଂ | ସତ୍ୱ | ପ୍ଲଟ ନଂ | ମୋଟ ରକବା (ଏକର) | .ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୩୧ | ରୟତି | ୨୩୪ | ୦.୧୪୮ | ୦.୧୨୯ | ଧାନ ଅଣ ଜଳସେଚିତ ଦୁଇ | ଡମ୍ବରୁଧର କମାର,ପି-ଦିନବନ୍ଧୁ କମାର,ପ୍ରତିମା କମାର,ସ୍ୱା-ଦିନବନ୍ଧୁ କମାର,ଲକ୍ଷ୍ମୀ କମାର,ପି-ପଦ୍ମଲାଭ କମାର,ଲଳିତା କମାର,ପି-ଗୌରାଙ୍ଗ କମାର,ଜା-କମାର,ବା-ମହନ୍ତପୁଟ |
| ୩୧ | ରୟତି | ୨୩୩ | ୦.୨୧୨ | ୦.୩୬୦ | ଧାନ ଅଣ ଜଳସେଚିତ ଏକ | |
| ୩୧ | ରୟତି | ୨୩୬ | ୦.୩୪୫ | ୦.୦୨୭ | ଧାନ ଅଣ ଜଳସେଚିତ ଦୁଇ | |
| ୩୫ | ରୟତି | ୩୧୩ | ୦.୧୪୮ | ୦.୦୦୧ | ଧାନ ଅଣ ଜଳସେଚିତ ଦୁଇ | ତୁଳସୀ ମାଝୀ,ସ୍ୱା-କମଳଲୋଚନ ମାଝୀ,ଜା-ଭୂମିଆ, ବା-ଟାଙ୍ଗିନିଗୁଡା |
| | | ମୋଟ | | ୦.୫୧୭ | | |

20.09.2022

Land Acquisition Collector
Jeypore-Malkangiri & Jeypore-Nabarangpur Rail link Project
Jeypore/Koraput